# ଆଜିର ଅନୁଚିନ୍ତା

ଆଜି ବସନ୍ତପଞ୍ଚମୀ । ଭାରତର ଅନ୍ୟତମ ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ । ଏହି ଅବସରରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ସ୍ମୃତିରେ ଗଠିତ ମହାମନା ମାଳବ୍ୟ ମିଶନ ତରଫରୁ ଭୁବନେଶ୍ୱରଠାରେ 'ଶିକ୍ଷାରେ ନୈତିକ ମୂଲ୍ୟବୋଧ' ସମ୍ପର୍କରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି । ଗତବର୍ଷଟି ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଶିକ୍ଷା ଏବଂ ଶିକ୍ଷାୟତନ ସମ୍ପର୍କରେ ଜାତୀୟ ଓ ପ୍ରାଦେଶିକ ସ୍ତରରେ ବହୁ ତର୍କବିତର୍କ ହୋଇଯାଇଛି । ତେବେ ଆଜିର ଏ ଆଲୋଚନାଚକ୍ର ଅବସରରେ ସେହି ମହାପୁରୁଷଙ୍କ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ଆଉ ଦୁଇ ତିନୋଟି କଥା ସମ୍ପର୍କରେ ଟିକିଏ ଆତ୍ମ ସମୀକ୍ଷା କରିବା ଉଚିତ ମନେହୁଏ ।

୧୯୧୬ ମସିହାରେ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କର ଏକକ ଉଦ୍ୟମରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ବିଦ୍ୟାଳୟ ବା ମହାବିଦ୍ୟାଳୟ ପ୍ରତିଷ୍ଠା ଆଜି ହୁଏତ ଏକ ସାଧାରଣ କଥା ହୋଇଗଲାଣି ; କିନ୍ତୁ ସେ ସମୟରେ ସମ୍ପୂର୍ଣ୍ଣ ବେସରକାରୀ ଉଦ୍ୟମରେ ପଣ୍ଡିତ ମଦନ ମୋହନ ମାଳବ୍ୟ ଦ୍ୱାର ଦ୍ୱାର ଭିକ୍ଷା କରି ଯେଉଁ ଏକନିଷ୍ଠ ଉଦ୍ୟମ ଏବଂ ଆଦର୍ଶର ପରିଚୟ ଦେଲେ ତାହା ଆଜି ଆମର ଶିକ୍ଷାର ପୃଷ୍ଠପୋଷକମାନଙ୍କର ଧ୍ୟେୟ ହେବା ଉଚିତ । ମହାତ୍ମା ଗାନ୍ଧୀ ଯଥାର୍ଥରେ ତାଙ୍କୁ 'ଶ୍ରେଷ୍ଠ ଭିକାରୀ' ବୋଲି କହିଥିଲେ ।

ଖାଲି ସେତିକି ନୁହେଁ, ଶିକ୍ଷାୟତନ ଏବଂ ଜାତୀୟ ଜୀବନ ମଧ୍ୟରେ ଯେଉଁ ସମ୍ପର୍କ ରହିବା ଆବଶ୍ୟକ, ମାଳବ୍ୟଜୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଆଦର୍ଶ ଏବଂ ପରିକଳ୍ପନାରେ ତା'ର ନିର୍ଦ୍ଦିଷ୍ଟ ସୂଚନା ଦେଇଥିଲେ । ସବୁ ସମୟରେ ଶିକ୍ଷାୟତନ ବିଶେଷ କରି ଉଚ୍ଚ ଶିକ୍ଷାର କେନ୍ଦ୍ରସ୍ଥଳୀ ବିଶ୍ୱବିଦ୍ୟାଳୟ ଜାତୀୟଜୀବନ ଗଠନରେ ଆବଶ୍ୟକ ସମସ୍ତ ପ୍ରେରଣାର ଉତ୍ସ ହେବା ଉଚିତ ଏବଂ ଜାତୀୟ ଜୀବନର ସବୁକିଛି ଶିକ୍ଷାୟତନ ଦ୍ୱାରା ପ୍ରଭାବିତ ହେବା ଉଚିତ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତତ୍କାଳୀନ ଜାତୀୟ ପରିସ୍ଥିତିରେ ଏ ଗୁରୁ ଦାୟିତ୍ୱ ବହନ କରିଥିଲା । ସ୍ୱାଧୀନତା ସଂଗ୍ରାମର ବହୁ ଯୁବା ଏହି ବିଶ୍ୱବିଦ୍ୟାଳୟ ପରିସରରୁ ପ୍ରଥମ ପ୍ରେରଣା ପାଇଥିଲେ । ପରବର୍ତ୍ତୀକାଳରେ ସ୍ୱାଧୀନୋତ୍ତର ଭାରତବର୍ଷର ସର୍ବବିଧ ଉନ୍ନତି ପାଇଁ ଯେଉଁ ମାନବିକ ସମ୍ବଳର ଆବଶ୍ୟକତା ରହିଥିଲା ତାହା ସ୍ୱାଧୀନ ଭାରତର ପ୍ରଥମ ଦୁଇ ଦଶନ୍ଧିରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ କୃତିତ୍ୱର ସହ ଯୋଗାଇ ଦେଇଥିଲା ।

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଶାସନ ଏବଂ ଶିକ୍ଷକ ନିଯୁକ୍ତିରେ ଯେଉଁ ଆଦର୍ଶ ପଣ୍ଡିତ ମାଳବ୍ୟ ଦେଖାଇଥିଲେ ତାହା ଆମ ବିଚାରରେ ତାଙ୍କୁ ଯଥାର୍ଥରେ ମହାମନା କରି ତୋଳିଅଛି । ଦକ୍ଷତା ଏବଂ ପାରଦର୍ଶିତାର ମାପକାଠିରେ ଦଳ, ମତ, ଜାତି, ନିର୍ବିଶେଷରେ ସେ ଭାରତର ବହୁ ଶିକ୍ଷାବିତ୍ ଏବଂ ପ୍ରଶାସକଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ କରିଥିଲେ । ମାଳବ୍ୟଜୀଙ୍କର ଏ ଆଦର୍ଶ ସେ ସମୟରେ ସମସ୍ତଙ୍କୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଶିକ୍ଷାୟତନ ମାଧ୍ୟମରେ ଏକ ଉନ୍ନତ ଜାତୀୟ ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

ଏହି ପରିପ୍ରେକ୍ଷୀରେ ଆଜିର ଶିକ୍ଷା ଓ ଶିକ୍ଷାୟତନର କଥା ଆଲୋଚନା କରି ବସିଲେ ମନରେ ଦୁଃଖ ଓ ନୈରାଶ୍ୟ ଜାତହୁଏ । ଶିକ୍ଷାୟତନ ଜାତୀୟ ଜୀବନକୁ ପ୍ରଭାବିତ କରିବା କଥା ଦୂରେ ଥାଉ, ଶିକ୍ଷାୟତନ ବାହାରେ ଥିବା ଅବାଞ୍ଛିତ ତତ୍ତ୍ୱ ଓ ନୀତିଗୁଡ଼ିକ ଏହାକୁ କଳୁଷିତ କରୁଛି । ପରିବର୍ତ୍ତିତ ପରିସ୍ଥିତିରେ ପୁଞ୍ଜୀଭୂତ ଅଭାବ, ଅଭିମାନ ଏବଂ ଅଭିଯୋଗର ପାଚେରୀ ଘେରା ଭିତରେ ନିଜକୁ ଆବଦ୍ଧ ରଖି ଶିକ୍ଷାୟତନଗୁଡ଼ିକ ଜାତୀୟଜୀବନ ଗଠନର ଉଚ୍ଚ ଆଦର୍ଶରୁ କ୍ରମେ ଦୂରେଇ ଯାଉଛନ୍ତି । ଆଜିର ଶିକ୍ଷାୟତନଗୁଡ଼ିକ ବିଭିନ୍ନ କାରଣରୁ ଆଞ୍ଚଳିକତାବାଦର ପରମ ପୃଷ୍ଠପୋଷକ ସାଜିଛନ୍ତି । ଜାତୀୟ ମୂଲ୍ୟବୋଧ କଥା ଦୂରେ ଥାଉ ଆମ ଗାଁ କଲେଜରେ ଗାଁ ବାହାରର ଜଣେ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଆଜି ଅସମ୍ଭବ ହୋଇପଡ଼ିଲାଣି । ପ୍ରତ୍ୟେକ ଅଞ୍ଚଳ ଆଞ୍ଚଳିକତାର ଦୁହାଇ ଦେଇ କେବଳ କେତେକ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଶ୍ୱବିଦ୍ୟାଳୟ ଦାବୀ କଲେଣି । କିନ୍ତୁ ସେ ସମୟରେ ମହାମନା ମାଳବ୍ୟ ମାନ୍ଦ୍ରାଜରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ ଏବଂ ଆମ ଓଡ଼ିଶାରୁ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜାଙ୍କୁ ଏବଂ ଭାରତର ବିଭିନ୍ନ କୋଣରୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରିତ କରି ବହୁ ସମ୍ମାନ ଓ ଉଚ୍ଚ ପଦବୀରେ ଅଧିଷ୍ଠିତ କରିଥିଲେ ।

ଆଜି ଏହି ପବିତ୍ର ଦିବସରେ ଯଦି କିଛି ସଂକଳ୍ପ କରିବାକୁ ଥାଏ, ତାହା ହେଲା ଶିକ୍ଷାୟତନକୁ ବେଢ଼ିଥିବା ଅଭାବ, ଅଭିମାନ ଓ ଅଭିଯୋଗର ପ୍ରାଚୀରକୁ ଭାଙ୍ଗିବାକୁ ପଡ଼ିବ ଏବଂ ଏକ ବିକାଶଶୀଳ ରାଷ୍ଟ୍ରରେ ତା'ର ଜାତୀୟ ଜୀବନ ଓ ଶିକ୍ଷାୟତନ ମଧ୍ୟରେ ଯେଉଁ ସମ୍ପର୍କ ରହିବା କଥା ତା'ର ପୁନଃ ପ୍ରତିଷ୍ଠା କରିବାକୁ ପଡ଼ିବ । ଶିକ୍ଷାୟତନଗୁଡ଼ିକ ଯେପରି ଆମର ରାଜନୈତିକ, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ନୈତିକ ମୂଲ୍ୟବୋଧ ପ୍ରତିଷ୍ଠା ପାଇଁ ପ୍ରେରଣାର ଉତ୍ସ ହୋଇ ପାରିବ ସେଥିପାଇଁ ସଂକଳ୍ପ ନେବାକୁ ପଡ଼ିବ ।

ସୌମ୍ୟରଞ୍ଜନ ପଟ୍ଟନାୟକ